# ପାଟଣାଗଡ଼ରେ କୃଷି, ଲୋଇସିଂହାରେ ଇଞ୍ଜିନିୟରିଂ କଲେଜ

ବଲାଙ୍ଗିର,୨୯।୫(ସମିସ)

ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଗତ ପ୍ରାୟ ଦୁଇ ବର୍ଷ ଭିତରେ ବଲାଙ୍ଗିର ଜିଲ୍ଲା ପାଇଁ ଘୋଷଣା ହୋଇଥିବା କିଛି ଗୁରୁତ୍ୱପୂର୍ଣ୍ଣ ନୂଆ ନିଷ୍ପତ୍ତି ମଧ୍ୟରେ ଇଞ୍ଜିନିୟରିଂ କଲେଜ, କୃଷି ମହାବିଦ୍ୟାଳୟ ଓ ଚିନିକଳ ଅନ୍ୟତମ। ତେବେ ଏହି ୩ ନିଷ୍ପତ୍ତି ଘୋଷଣା ହେବା ପରେ ଏବେ ଏହି ସବୁ ପ୍ରତିଷ୍ଠାନ କେଉଁ ଅଞ୍ଚଳରେ ନିର୍ମାଣ କରାଯିବ, ତାହାର ଫାଇଦା କାହାକୁ କେତେ ମିଳିବ ତାହାର ହିସାବ କିତାବ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି ସତ; କିନ୍ତୁ ଏହା ଏବେ ବିଜପି ନେତାଙ୍କ ପାଇଁ ବଡ ଚିନ୍ତାର କାରଣ ପାଲଟିଛି। ପ୍ରଥମେ ଦେଓଗାଁ ଚିନିକଳକୁ ପୁଣି ଆରମ୍ଭ କରିବାକୁ ମନା କରିଥିବା ବେଳେ ପୁଣି ସେହିଠାରେ କରିବାକୁ ଯୋଜନା ହୋଇଥିôବା କହୁଥିବା ବେଳେ କୃଷି ମହାବିଦ୍ୟାଳୟ ପାଇଁ ପାଟଣାଗଡ ଓ ଇଞ୍ଜିନିୟରିଂ କଲେଜ ପାଇଁ ଲୋଇସିଂହା ଅଞ୍ଚଳରେ କରିବାକୁ କୁଆଡେ ନିଷ୍ପତ୍ତି ହୋଇଥିବା କୁହାଯାଉଛି। ଏହାକୁ ନେଇ ଭିତରେ ଭିତରେ କଣ୍ଟାବାଞ୍ଜି ଲକ୍ଷ୍ମଣ ବାଗ ଓ ଟିଟିଲାଗଡ ବିଧାୟକ ନବୀନ ଜୈନ ଅସନ୍ତୁଷ୍ଟ ଥିବା ତାଙ୍କ ସମର୍ଥକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

ସୂଚନା ଅନୁସାରେ ଗତ ସାଧାରଣ ନିର୍ବାଚନରେ ବଲାଙ୍ଗିର ଜିଲ୍ଲାରେ ବିଜେପି ଭଲ ପ୍ରଦର୍ଶନ କରିଥିଲା। ୫ଟି ବିଧାନସଭା ଆସନରୁ ବିଜେପିର ୪ ବିଧାୟକ ବିଜୟୀ ହୋଇ ବିଧାନସଭାକୁ ଯାଇଥିଲେ। ପୁରସ୍କାର ସ୍ୱରୂପ ଜିଲ୍ଲାକୁ ଉପମୁଖ୍ୟମନ୍ତ୍ରୀ ସହ ଦୁଇ ମନ୍ତ୍ରୀ ମଧ୍ୟ ଦିଆଯାଇଥିଲା। ସରକାର ଗଠନ ହେବା ପରେ

## ● କଣ୍ଟାବାଞ୍ଜି, ଟିଟିଲାଗଡ଼କୁ କିଛି ମିଳିଲାନି

ବଲାଙ୍ଗିରରେ ଏକ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ସେହିପରି ଦୀର୍ଘ ବର୍ଷ ହେଲା ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ଦାବି ହୋଇଆସୁଥିବା ବେଳେ ବିଳମ୍ବରେ ହେଲେ ମଧ୍ୟ ବଲାଙ୍ଗିରରେ ଏକ କୃଷି ମହାବିଦ୍ୟାଳୟ ସ୍ଥାପନ କରିବାକୁ ସରକାର ଘୋଷଣା କରିଥିଲେ। ଏଥିରେ ବଜେଟରେ ମଧ୍ୟ ଆର୍ଥିକ ବ୍ୟବସ୍ଥା କରାଯାଇଥିଲା। ଏହାଫଳରେ ଏହା ଶୀଘ୍ର ଆରମ୍ଭ ହେବା ନେଇ ଲୋକଙ୍କ ଆଶା ରହିଥିବା ବେଳେ ଏହି ଦୁଇ ପ୍ରତିଷ୍ଠାନ ଜିଲ୍ଲାର କେଉଁ ସ୍ଥାନରେ ତାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି। ଗତ ଦୁଇ ଦିନ ତଳେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବଲାଙ୍ଗିର ଗସ୍ତରେ ଆସିଥିବା ବେଳେ କୃଷି ମହାବିଦ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ଜାଗା ବୁଲି ଦେଖିଥିଲେ। ତମିଆଁ ମୌଜାରେ ଥିବା ପ୍ରାୟ ୧୭୨ ଏକର ଜାଗା ଏହି ମହାବିଦ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ଜଣାପଡିଛି। ଏପରିକି ଜିଲ୍ଲାର ଅନ୍ୟ କିଛି ସ୍ଥାନରେ ମଧ୍ୟ ଜାଗା ଦେଖାଯାଇଥିବା ବେଳେ ଏତେ ପରିମାଣର ଜମି ନ ଥିବାରୁ ଆପତତଃ ଏହି ଜମିରେ କୃଷି ମହାବିଦ୍ୟାଳୟ ହେବାର ଏକ ପ୍ରକାର ନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି। ତେବେ ଏହି ଜାଗା ଉପମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀରେ ରହିଛି। ସେହିପରି ସରକାରୀ ଇଞ୍ଜିନିୟରିଂ କଲେଜ ପାଇଁ ଲୋଇସିଂହାରେ ଏକାଧିକ ସ୍ଥାନକୁ ନେଇ ଚର୍ଚ୍ଚା ଚାଲିଥିବା ଜଣାପଡିଛି। ଲୋଇସିଂହା ନିକଟସ୍ଥ ୨୬ ନଂ ଜାତୀୟ ରାଜପଥ କୁ ଲାଗି ରହିଥିବା ହୀରାପୁରରେ ଦୁଇଟି ସ୍ଥାନ ଚିହ୍ନଟ କରାଯାଇଥିବା ବେଳେ ଗୋଟିଏ ୧୮ ଏକର ଓ ଆଉ ଗୋଟିଏ ୨୦ ଏକର ଜମି ରହିଛି। ସେହିପରି ଆଉ ଏକ ସ୍ଥାନ ଝାରମୁଣ୍ଡା ନିକଟରେ ଚିହ୍ନଟ ହୋଇଥିବା ଜଣାପଡିଛି। ଉକ୍ତ ଜାଗା ମଧ୍ୟ ପ୍ରାୟ ୨୦ ଏକର ଥିବା ଜଣାପଡିଛି। ଏହି ଜାଗାକୁ ମଧ୍ୟ ଜିଲ୍ଲାପାଳ ପରିଦର୍ଶନ କରିଥିବା ବେଳେ କେଉଁ ସ୍ଥାନରେ ଏହା ହେବ ତାହା ସ୍ପଷ୍ଟ ହୋଇନାହିଁ; କିନ୍ତୁ ଏହି ତିନି ଜାଗାକୁ ନେଇ ମଧ୍ୟ ଭିନ୍ନ ଭିନ୍ନ ଆଲୋଚନା ଆରମ୍ଭ ହୋଇଛି। ଚିହ୍ନଟ ହୋଇଥିବା ଉକ୍ତ ତିନୋଟି ଜାଗା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ନିର୍ବାଚନମଣ୍ଡଳୀରେ ରହିଛି। ଏହି କଲେଜ ମଧ୍ୟ ଲୋଇସିଂହା ନିର୍ବାଚନମଣ୍ଡଳୀରେ ହେବାର ଅଧିକ ସମ୍ଭାବନା ରହିଛି; କିନ୍ତୁ କେଉଁଠି ହେବ ତାହା ନିଷ୍ପତ୍ତି ହୋଇନାହିଁ। ହୀରାପୁରରେ ଚିହ୍ନଟ ହୋଇଥିବା ଜାଗା ଜାତୀୟ ରାଜପଥକୁ ଲାଗିରହିଥିବାରୁ ଏହା ଅଧିକ ଯୋଗ୍ୟ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଆରମ୍ଭ ହୋଇଛି। ସେହିପରି ଆଉ ଏକ ବଡ ପ୍ରକଳ୍ପ ହେଉଛି ଚିନିକଳ। ଦେଓଗାଁରେ ଥିବା ଚିନିକଳକୁ ପୁଣି ଆରମ୍ଭ କରିବା ପାଇଁ ଦାବି ହେଉଥିବା ବେଳେ କିଛି ଦିନ ତଳେ ନିଜେ କୃଷି ମନ୍ତ୍ରୀ ଶ୍ରୀ ସିଂହଦେଓ ଏହା କୋର୍ଟ ବିବାଦରେ ରହିଥିବାରୁ ସରକାର ଏକ ନୂତନ ଚିନିକଳ ପ୍ରତିଷ୍ଠା କରିବେ ବୋଲି କହିଥିଲେ; କିନ୍ତୁ ନିଜେ ଶ୍ରୀ ସିଂହଦେଓ ଦେଓଗାଁ ଚିନିକଳକୁ ଯାଇ ପରିଦର୍ଶନ କରିବା ସହ ସେଠାରେ ଚିନିକଳ ଆରମ୍ଭ କରାଯିବ ବୋଲି କହିଛନ୍ତି। ତେବେ ନିଷ୍ପତ୍ତି କ'ଣ ହୋଇଥିଲା, କେଉଁଠାରେ ନୂତନ ଚିନିକଳ ପ୍ରତିଷ୍ଠା କରିବାକୁ ଯୋଜନା କରାଯାଇଥିଲା, କାହିଁକି ପୁଣି ଦେଓଗାଁ ଚିନିକଳକୁ ଗୁରୁତ୍ୱ ଦିଆଯାଉଛି ତାହା ଏବେ ଅସ୍ପଷ୍ଟ ରହିଛି। ଏ ସବୁ ଭିତରେ କିନ୍ତୁ ଦୁଇ ବିଧାୟକ ନବୀନ ଜୈନ ଓ ଲକ୍ଷ୍ମଣ ବାଗ ଅସନ୍ତୁଷ୍ଟ ଥିବା କୁହାଯାଉଛି। ଉକ୍ତ କୃଷି ମହାବିଦ୍ୟାଳୟ ଓ ଇଞ୍ଜିନିୟରିଂ କଲେଜ ପାଇଁ ଉଭୟ ନବୀନ ଓ ଲକ୍ଷ୍ମଣ ଭିତରେ ଭିତରେ ନିଜ ନିର୍ବାଚନମଣ୍ଡଳିରେ କରିବାକୁ ଯୋଜନା କରିଥିବା ବେଳେ ସେମାନେ ବିଫଳ ହୋଇଥିବା ଜଣାପଡିଛି। ଏହାକୁ ନେଇ ସେମାନେ ଅସନ୍ତୁଷ୍ଟ ଥିବା ବିଜେପି କର୍ମୀ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ଦୁଇ ବର୍ଷ ଭିତରେ ଘୋଷଣା ହୋଇଥିବା ଦୁଇ ବଡ଼ ପ୍ରକଳ୍ପକୁ ଦୁଇ ମନ୍ତ୍ରୀ ହାତେଇ ନେଇଥିବା ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।

## ବର୍ଷୀୟାନ କଳାକାର ଗୁରୁ ଘାସିରାମ ମିଶ୍ରଙ୍କୁ ଅସମ୍ମାନ

ବଲାଙ୍ଗିର,୨୯।୫(ସମିସ): କଳା ଓ କଳାକାରଙ୍କ ମାଟି ବଲାଙ୍ଗିରରେ ବର୍ତ୍ତମାନ ଅନେକ କଳାକାର ଓ କଳା ସଂଗଠନ ଜନ୍ମ ନେଇଛନ୍ତି। ସେଥିରୁ ଅନେକ ରାଜ୍ୟ, ଦେଶ ତଥା ଦେଶ ବାହାରେ ନାଁ ମଧ୍ୟ ସାରିଲେଣି; କିନ୍ତୁ ଜିଲ୍ଲାର ପୁରୁଣା ବର୍ଷିୟାନ କଳାକାରଙ୍କୁ ଯେମିତି ସମ୍ମାନ ମିଳିବା କଥା ତାହା ହେଉ ନାହିଁ। ଓଲଟା ସେମାନଙ୍କୁ ଅଯଥାରେ ହଇରାଣ କରାଯାଉଛି। ବର୍ଷିୟାନ କଳାକାର ଗୁରୁ ଘାସୀରାମ ମିଶ୍ର ଏଭଳି ଅଭିଯୋଗ କରିଛନ୍ତି। ଶ୍ରୀ ମିଶ୍ରଙ୍କ କହିବା ଅନୁସାରେ ୩ ମାସ ତଳେ ପୂର୍ବାଞ୍ଚଳ ସାଂସ୍କୃତି କେନ୍ଦ୍ର, କୋଲକାତା (ଇଜେଡ୍‌ସିସି) ବୋର୍ଡ ସଦସ୍ୟ ପାଇଁ ଓଡିଶା ସରକାରଙ୍କ ଯୋଗ୍ୟ ମନୋନୟନ ତାଲିକାରେ ତାଙ୍କ ନାଁ ଥିଲା। ଇଜେଡ୍‌ସିସି ତାଙ୍କୁ ପ୍ରମାଣ ପତ୍ର ମଧ୍ୟ ମାଗି ନେଇଥିଲା; ହେଲେ ସପ୍ତାହେ ତଳେ ପ୍ରକାଶିତ ଇଜେଡ୍‌ସିସି ବୋର୍ଡ ସଦସ୍ୟ ତାଲିକାରେ ତାଙ୍କ ନାମ ନ ଥିବା ସେ ଜାଣିବାକୁ ପାଇଛନ୍ତି; ଯାହା ତାଙ୍କୁ କଷ୍ଟ ଦେଇଛି ବୋଲି ସେ କହିଛନ୍ତି। ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ନାମକୁ କେଉଁ ଆଧାରରେ ଅପସାରଣ କରାଯାଇ କେଉଁ ଯୋଗ୍ୟତା ବଳରେ ଅନ୍ୟ ଜଣଙ୍କ ନାଁ ରାତି ଅଧିଆ ଏଥିରେ ସାମିଲ କରାଗଲା ତାହା ସାର୍ବ ଜନୀନ କଲେ ଭଲ ହୁଅନ୍ତା ବୋଲି ଶ୍ରୀ ମିଶ୍ର କ୍ଷୋଭର ସହ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ କଂଗ୍ରେସ ନେତାଙ୍କ ପୁତ୍ର ବିୟୋଗ

ବଲାଙ୍ଗିର,୨୯।୫(ସମିସ): ବରିଷ୍ଠ କଂଗ୍ରେସ ନେତା ଆର୍ତ୍ତତ୍ରାଣ ସିଂଦେଓ ଓ ଶରତ ମଂଜରୀ ସିଂଦେଓଙ୍କଙ୍କ ମଝିଅ ପୁଅ ତେଜ ବାହାଦୁର ସିଂଦେଓ (ନୁନୁ)ଙ୍କ ୫୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ପାଟଣାଗଡ ଅଞ୍ଚଳର ଲୁହାସିଂହା ଗ୍ରାମରୁ ବଲାଙ୍ଗିର ପଟକୁ ଆସୁଥିବା ବେଳେ ତାଙ୍କ ବୁଲେଟ ରାସ୍ତାକଡ ଏକ ଗଛରେ ପିଟି ହୋଇଯାଇଥିଲା। ଏହାଫଳରେ ସେ ସେ ଅଚେତ ହୋଇଯାଇଥିଲେ। ମୁଣ୍ଡରେ ଆଘାତ ବାଜିଥିବାରୁ ପାଟଣାଗଡ ସବ୍ ଡିଭିଜନାଲ ହସ୍‌ପିଟାଲକୁ ଆଣାଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର, ରଣରାଜ ସିଂଦେଓ, ଡା. ବାସୁଦେବ ପତି, ଶତ୍ରୁଘନ ସିଂହ, ଧିରେନ୍ଦ୍ର ନାରାୟଣ ସିଂଦେଓ, ଧ୍ରୁବରାଜ ସିଂଦେଓ, ମାନଭଞ୍ଜନ ଯୋଷୀ, ଜିତେନ୍ଦ୍ର ସ୍ୱାଇଁ, ସୁମନ ଶତପଥୀ, ଡା. ପ୍ରତାପ ରୁଦ୍ର ସିଂଦେଓ, ସୁରୁଲାଲ ମଟାରୀ, ସୁରେଶ ମିଶ୍ର, ଦିଲ୍ଲୀପ ବେରିଆ, ବୁଲୁ ଦାନି, ଅରୁଣ ପଣ୍ଡା, ବୁଟୁ ସୁତାର, ଜୁଲୁ ପଟ୍ଟନାୟକ, ଲିଟିରେରି ଏଣ୍ଡ ସୋସିଆଲ କ୍ଲବ୍‌ର ସଂପାଦକ ଅସୀତ ମିଶ୍ର, କଂଗ୍ରେସ ନେତା ମନୀଷ ମିଶ୍ରଙ୍କ ସମେତ ଅନେକ ଶୁଭେଚ୍ଛୁ, ସାମାଜିକ କର୍ମୀ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ । ସ୍ଥାନୀୟ ବିଭୁତିପଡାସ୍ଥିତ ଶ୍ମଶାନରେ ତେଜବାହାଦୁରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନ ଭାଇ ରିପୁମର୍ଦ୍ଦନ ସିଂଦେଓ ମୁଖାଗ୍ନି ଦେଇଥିଲେ।



## କୃଷକ ଉତ୍ପାଦକ କମ୍ପାନୀର ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ମୁରିବାହାଲ,୨୯।୫(ସମିସ):ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ଚଲକି ପଞ୍ଚାୟତ ଜାମପଦର ଗାଁରେ ପ୍ରଗତି କୃଷକ ଉତ୍ପାଦକ କମ୍ପାନୀର ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ନାବାର୍ଡ ଡିଡିଏମ ଡ. ବିବେକ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମହାଶକ୍ତି ଫାଉଣ୍ଡେସନର ବରିଷ୍ଠ ପରିଚାଳକ ହୃଷୀକେଶ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁରିବାହାଲ ପ୍ରଗତି କୃଷକ ଉତ୍ପାଦକ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଭାଗିରଥୀ ଜୁଆଡ, ନିର୍ଦ୍ଦେଶକ ହୃଷୀକେଶ ବୁଡେକ, ଧ୍ରୁବଳେଶ୍ୱର ବାଗ, ପବିତ୍ର ମେହେର, ଝସକେତନ ବୁଡେକ, ଅନୁପମା ମେହେର, ରୁକ୍ମିଣି ବାଗ, ସିଇଓ ହୃଦାନନ୍ଦ ବାଗ, ଉଦ୍ୟାନ ବିଭାଗ ପ୍ରତିନିଧି ଅମିତ ପ୍ରଧାନୀ, ଚାଷୀ କପିଳ ଥପା, ବିନୋଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଣବ ମୋହନ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।



## ବଙ୍ଗୋମୁଣ୍ଡା ତହସିଲ ଘେରଉ




କଣ୍ଟାବାଞ୍ଜି,୨୯।୫(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ତହସିଲଦାରଙ୍କ ମନମୁଖୀ କାର୍ଯ୍ୟ ଏବଂ ତହସିଲରେ ଲୋକଙ୍କୁ ଦୁର୍ବ୍ୟବହାର ବିରୋଧରେ ଓଡିଶା ଜନତା କଂଗ୍ରେସ ପକ୍ଷରୁ ବଙ୍ଗୋମୁଣ୍ଡା ତହସିଲ ଅଫିସ ଘେରଉ କରାଯାଇଛି। ରୂପେଶ ବେହେରାଙ୍କ ନେତୃତ୍ୱରେ ବଙ୍ଗୋମୁଣ୍ଡା ଆର୍‌ଏମସିଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲା। ତହସିଲଦାର ଲୋକଙ୍କୁ ହଇରାଣ କରୁଛନ୍ତି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ।

## ଦିଲ୍ଲୀରେ ଆଦିଲୀଳା ଫାଉଣ୍ଡେସନ ପକ୍ଷରୁ ବଳଦେବ ବାଗ ସମ୍ମାନିତ




କଣ୍ଟାବାଞ୍ଜି,୨୯।୫(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଦେଢଗାଁର ଓଡ଼ିଆ ପ୍ରତିଭା ବଳଦେବ ବାଗ ଦିଲ୍ଲୀରେ ସମ୍ମାନିତ ହୋଇଛନ୍ତି। ସାଂସ୍କୃତିକ, ସାମାଜିକ ଓ ଶିକ୍ଷାଗତ ବିକାଶ କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟରତ ପ୍ରତିଷ୍ଠିତ ସଂସ୍ଥା ଆଦିଲୀଳା ଫାଉଣ୍ଡେସନ ପକ୍ଷରୁ ଦିଲ୍ଲୀର ଆନ୍ଧ୍ର-ତେଲେଙ୍ଗାନା ଭବନରେ ଆୟୋଜିତ ଏକ ସମାରୋହରେ ସେ ସମ୍ମାନିତ ହୋଇଛନ୍ତି। ପଦ୍ମଶ୍ରୀ ଡ. ଏନ୍.ଟି. ରାମାରାଓଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଆନ୍ଧ୍ରପ୍ରଦେଶ ସରକାରଙ୍କ ଭାଷା ଓ ସଂସ୍କୃତି ବିଭାଗର ସହଯୋଗରେ ଆୟୋଜିତ ଏହି ଉତ୍ସବରେ ବଳଦେବ ବାଗଙ୍କ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ମାନପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା।

## ଶିବ ନାରାୟଣ ରଥଙ୍କୁ ଶ୍ରଦ୍ଧାଞ୍ଜଳି

ବଲାଙ୍ଗିର,୨୯।୫(ସମିସ): ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ଜିଲ୍ଲା ବ୍ରାହ୍ମଣ ମହାସଭାର କାର୍ଯ୍ୟକାରିଣୀ ସଦସ୍ୟ ଶିବ ନାରାୟଣ ରଥଙ୍କ ଅକାଳ ବିୟୋଗରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରାଣ ବଲ୍ଲଭ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ଭାରେ ଶିବଶଙ୍କର ଖୁଆସ, ପର୍ଶୁରାମ ନାୟକ, ଲୋକନାଥ ନାୟକ, ଉପସଭାପତି କିଶୋର ପୁରୋହିତ, ସୁଶ୍ରୀ ରାଜଶ୍ରୀ ତ୍ରିପାଠୀ, ସମ୍ପାଦକ ନରେନ୍ଦ୍ର ଆ.ର୍ଯ୍ୟ, ସହ ସମ୍ପାଦକ ସଂକୀର୍ତ୍ତନ ତ୍ରିପାଠି, ବିଧୁଭୂଷଣ ତ୍ରିପାଠି, ରାଜେଶ ପଣ୍ଡା, ଗିରିଶ ପଣ୍ଡା, ବିକ୍ରମ କେଶରୀ ମିଶ୍ର, ସୁଧୀର ତ୍ରିପାଠୀ ପ୍ରମୁଖ ଯୋଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ପତି, ଜଗଦୀଶ ନାଥ, ପଞ୍ଚନେତ୍ର ଗୁରୁ, ଅଶୋକ ତ୍ରିପାଠୀ, ସାଗରିକା ଗୁରୁ, ବିଜୟଲକ୍ଷ୍ମୀ ମିଶ୍ର, ପ୍ରମିଳାମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ବଙ୍ଗୋମୁଣ୍ଡା ବ୍ଲକ୍‌ରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ବିଫଳ ଡବଲ ଇଞ୍ଜିନ

# ବିଜେଡି ନେତୃତ୍ୱରେ ବ୍ଲକ୍ ଘେରିଲେ ଭତ୍ତା ହିତାଧିକାରୀ



କଣ୍ଟାବାଞ୍ଜି,୨୯।୫(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ଅନେକ ପଞ୍ଚାୟତର ହିତାଧିକାରୀ ୪ ମାସ ହେଲା ଭତ୍ତା ପାଇ ନାହାନ୍ତି। ସେଥିପାଇଁ ପଞ୍ଚାୟତ କାର୍ଯ୍ୟାଳୟରୁ ଆରମ୍ଭ କରି ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଧାଉଁଛନ୍ତି; ହେଲେ କିଛି ଲାଭ ହେଉନି। ବାରମ୍ବାର ଜଣାଇଲେ ମଧ୍ୟ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉ ନାହାନ୍ତି। ଏହାକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଅଜିତ ଯୋଶୀଙ୍କ ନେତୃତ୍ୱରେ ଶହ ଶହ ବୃଦ୍ଧବୃଦ୍ଧା ବ୍ଲକ୍ କାର୍ଯ୍ୟାଳୟ ଘେରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ ଡବଲ ଇଂଜିନ ସରକାର ଆସିଲେ ଭତ୍ତା ବୃଦ୍ଧି କରିବାକୁ ବିଜେପି ଘୋଷଣା କରିଥିଲା; କିନ୍ତୁ ତାହା ପ୍ରତାରଣାରେ ପରିଣତ ହୋଇଛି। ବଙ୍ଗୋମୁଣ୍ଡା ବ୍ଲକ୍ ଏକ ଦାଦନ ପ୍ରବଣ ଅଞ୍ଚଳ। ଏଠାରେ ଲୋକମାନେ ଚଳିବା ଅତି କଷ୍ଟ ଦାୟକ। ତେଣୁ ସମସ୍ତ ହିତାଧିକାରୀଙ୍କୁ ଶୀଘ୍ର ଭତ୍ତା ପ୍ରଦାନ କରାଯାଉ। ସେହିପରି ପୂର୍ବରୁ ସରକାର ଯେ କୌଣସି ଗରିବ ପରିବାରର କାହାର ମୃତ୍ୟୁ ଘଟିଲେ ୨ ଦିନ ଭିତରେ ହରିଶଚନ୍ଦ୍ର ଯୋଜନାରେ ସହାୟତା ରାଶି ପ୍ରଦାନ କରୁଥିଲେ; କିନ୍ତୁ ଏବେ ମାସ ମାସ ଧରି ସହାୟତା ମିଳୁନାହିଁ। ଗରିବ ବୃଦ୍ଧବୃଦ୍ଧା ଓ ପରିବାରକୁ ସରକାର ପ୍ରତାରଣା କରୁଛି ବୋଲି ବିଜୁ ଜନତା ଦଳ କହିଛି।

## ଋତୁସ୍ରାବ ପରିଷ୍କାର ଓ ପରିଚ୍ଛନ୍ନତା ଦିବସ




ପାଟଣାଗଡ,୨୯।୫(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ଫଟାମୁଣ୍ଡା ଗ୍ରାମପଞ୍ଚାୟତରେ ଶୁକ୍ରବାର ପଲ୍ଲୀ ଆଲୋକ ପାଠାଗାର ଓ ରିବୁଲ୍ଡ ଇଣ୍ଡିଆ ସହାୟତାରେ ଋତୁସ୍ରାବ ପରିଷ୍କାର ଓ ପରିଚ୍ଛନ୍ନତା ଦିବସ ପାଳିତ ହୋଇଛି।

ଏକ ସୁସ୍ଥ, ସଚେତନ ଏବଂ ପିରିଅଡ୍-ଫ୍ରେଣ୍ଡଲି ସମାଜ ଗଠନର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିଶୋରୀ ଓ ମହିଳାଙ୍କ ମଧ୍ୟରେ ମାସିକ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ସହ ସମାଜରେ ରହିଥିବା ଅନ୍ଧବିଶ୍ୱାସ ଓ ଲଜ୍ଜାବୋଧକୁ ଦୂର କରିବାକୁ ଏହି ସଚେତନତା କାର୍ଯ୍ୟକ୍ରମରେ ସଚେତନ କରାଯାଇଥିଲା। ଫଟାମୁଣ୍ଡା କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଏଏନ୍‌ଏମ୍, ୱାର୍ଡ ସଦସ୍ୟଙ୍କ ସହ ସ୍ଥାନୀୟ ମାଆ ଓ କିଶୋରୀ ଗୋଷ୍ଠୀର ସଦସ୍ୟ ଅଂଶଗ୍ରହଣ କରିଥିଲେ। କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ମାସିକ ସ୍ୱାସ୍ଥ୍ୟ ନେଇ ସୁସ୍ଥ ଜୀବନ ଉପରେ ମତବ୍ୟକ୍ତ କରିଥିଲେ। ପଲ୍ଲୀ ଆଲୋକ ପାଠାଗାରର ପ୍ରଶାନ୍ତ କୁଅଁର ମାସିକ ସମୟରେ ନିଜ ସ୍ୱାସ୍ଥ୍ୟର ଯତ୍ନ, ପୋଷଣଯୁକ୍ତ ଖାଦ୍ୟ ଗ୍ରହଣ, ସ୍ୱଚ୍ଛ ସାନିଟାରୀ ନାପକିନ୍ ବ୍ୟବହାର ଓ ନିୟମିତ ସ୍ୱଚ୍ଛତା ଅଭ୍ୟାସ ଉପରେ ମତ ପ୍ରକାଶ କରିଥିଲେ। ଶେଷରେ ସମସ୍ତ କିଶୋରୀ ଓ ମହିଳାମାନଙ୍କୁ ସାନିଟାରୀ ନାପକିନ ବଣ୍ଟନ କରାଯାଇଥିଲା। ଶେଷରେ ସସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କାଦୋପଡ଼ାରେ ନିମ୍ନମାନର କଂକ୍ରିଟ୍ ନାଳ କାମ

# ପାଣିରେ ପଡ଼ିବ ଅଢ଼େଇ କୋଟି

ପାଟଣାଗଡ଼,୨୯।୫(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସହରର ୧୦ ଓ ୧୧ ନମ୍ବର ୱାର୍ଡର ଲୁହାରପାଲି ଛକ ଧୂମାଭଟା ରୋଡ୍‌ଠାରୁ କାଦୋପଡା ପର୍ଯ୍ୟନ୍ତ କଂକ୍ରିଟ ନାଳ ନିର୍ମାଣ ଚାଲିଛି। ଏଥିପାଇଁ ଏନଏସି ଅଧୀନରେ ଠିକାଦାର ମାଧ୍ୟମରେ ୨ ମାସ ହେଲା କାମ ଚାଲିଛି। ପ୍ରାୟ ଅଢେଇ କୋଟି ଟଙ୍କା ବ୍ୟୟ ଅଟକଳରେ କାମ ଚାଲିଛି; ହେଲେ ଏହି ଡ୍ରେନ୍ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ପଡାବାସୀ ଅଭିଯୋଗ ଆଣିଛନ୍ତି। ପାଣି ଉପରେ କଂକ୍ରିଟକରଣ କରାଯାଉଛି। ଏହାଫଳରେ ସ୍ଥାୟିତ୍ୱକୁ ନେଇ ପଡ଼ାବାସୀ ଚିନ୍ତା ପ୍ରକଟ କରିଛନ୍ତି। ପଡାବାସୀଙ୍କ ଅଭିଯୋଗ ଆଧାରରେ ଗତ ବର୍ଷ ବର୍ଷା ଋତୁ ସମୟରେ କଦୋପଡାରେ ପାଣି ନିର୍ଗତ ହୋଇ ନ ପାରି ଜମି ରହିଥିଲା। ଏହାଫଳରେ ଡ୍ରେନ ପାଣି ଲୋକଙ୍କ ଘର ଭିତରକୁ ପଶିଥିଲା। ପଡାରେ ଆଣ୍ଠୁଏ ପାଣି ଜମି ରହିବା ଫଳରେ ପଡାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ପଡାରେ ଏକ ସ୍ୱତନ୍ତ୍ର ଡ୍ରେନ ନିର୍ମାଣ ପାଇଁ ପ୍ରାୟ ୨ କୋଟିରୁ ଅଧିକ ଟଙ୍କାର ଅନୁଦାନ ଦେଇଥିଲେ। ଡ୍ରେନ୍ କାମ ପାଇଁ ଶିଳାନ୍ୟାସ ମଧ୍ୟ କରିଥିଲେ। ସ୍ଥାନୀୟ ଏନଏସି ଦ୍ୱାରା ଜଣେ ଠିକାଦାର ୨ ମାସ ହେଲା ଏହି ଡ୍ରେନ



ନିର୍ମାଣ କାମ କରୁଛନ୍ତି; କିନ୍ତୁ କାମ ମନ୍ଥର ଗତିରେ ଚାଲିଛି। ଏଣୁ ବର୍ଷା ପୂର୍ବରୁ କାମ ସରିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏଥିସହ ନୂତନ ଡ୍ରେନ ନିର୍ମାଣ ପାଇଁ

**● ଗଡାଣିଆ ନ ଥିବାରୁ ପୁଣି ପଡ଼ାରେ ପାଣି ଜମିବା ଆଶଙ୍କା**

**● ଜେଇଙ୍କ ଅନୁପସ୍ଥିତିରେ କାମ ହେଉଛି**

ଖୋଳା ଯାଇଥିବା ଗାତରେ ପାଣି ଭର୍ତ୍ତି ହୋଇ ରହୁଛି। ଏହି ପାଣିକୁ ନିଷ୍କାସନ ନ କରି ଓ ମେସିନ ଦ୍ୱାରା ତଳ ପଟକୁ ଶକ୍ତ କରା ନ ଯାଇ ପାଣି ଭିତରେ ହିଁ ଠିକାଦାର କଂକ୍ରିଟକରଣ କରୁଛନ୍ତି। ଏଥିଯୋଗୁଁ ଲୋକେ ଡ୍ରେନ୍ କାମକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସ୍ପଷ୍ଟ ଦିବାଲୋକରେ ହେଉଥିବା ଏହିଭଳି ନିମ୍ନମାନର କାମକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ଏହି ଡ୍ରେନ କାମ ଧୁମାଭଟା ରୋଡ୍‌ଠାରୁ କାଦୋପଡା ଭିତର ଦେଇ ମୁଖ୍ୟ ରାସ୍ତାକୁ ସଂଲଗ୍ନ ହେବା କଥା; କିନ୍ତୁ ଜେଇଙ୍କ ଅନୁପସ୍ଥିତିରେ କେବଳ ଶ୍ରମିକ ଓ ମିସ୍ତ୍ରୀମାନଙ୍କ ଦ୍ୱାରା କାମ ହେଉଛି। ତଳ ପଟ ଗଡାଣିଆ କରାଯାଇ ନ ଥିବାରୁ ପୁଣି ପଡାରେ ପାଣି ଜମିବା ଆଶଙ୍କା ପ୍ରକାଶ ପାଇଛି। ଏହାଫଳରେ ପଡ଼ାବାସୀଙ୍କ ମଧ୍ୟରେ ଏହି କାମକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ପଡାର କିଛି ସଚେତନ ନାଗରିକ ଅଭିଯୋଗ ଆଣିବା ସହ ନିମ୍ନମାନର କାମ ସମୟର ଫେଟୋ ସହ ଭିଡିଓ ମଧ୍ୟ ଦେଇଛନ୍ତି। ନିମ୍ନମାନର କାମ ସମୟରେ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଏମାନେ ଅଭିଯୋଗ ଆଣିଛନ୍ତି। ଏହି ଡ୍ରେନ କାମକୁ ପୁଣି ଥରେ ଠିକ୍ ଭାବେ କରା ନ ଯିବା ପର୍ଯ୍ୟନ୍ତ ବିଲ୍ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ତଦନ୍ତ ସହ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପଡ଼ାବସୀ ଦାବି କରିଛନ୍ତି। ତେବେ ଏ ବିଷୟରେ ଏନଏସି ଇଓ ନାରାୟଣ ଦଣ୍ଡସେନାଙ୍କୁ ଅବଗତ କରିବାରୁ ଅଭିଯୋଗର ତଦନ୍ତ କରାଯିବ ବୋଲି କହିଥିଲେ।

